## ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଢେଙ୍କାନାଳ ଦ୍ଵାରା ବିଶ୍ୱ ପରିବେଶ ଦିବସ ପାଳିତ

ତା ୦୫.୦୬.୨୦୧୮ ରିଖ ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଢେଙ୍କାନାଳ ଦ୍ଵାରା ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରେ ସିଭିଲ କୋର୍ଟ , ଢେଙ୍କାନାଳ ଏବଂ ADR ବିଲଡ୍ଙ୍ଗ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷା ଶ୍ରୀମତି ପ୍ରଣୀତା ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ତଥା ସତନ୍ତ ଜଜ୍ (ଭିଜିଲାନ୍ସ), ଶ୍ରୀ କ୍ଷିରୋଦ କୁମାର ଦାସ୍, ରେଜିଷ୍ଟ୍ରାର ସିଭିଲ କୋଟର୍ସ ବନ୍ଦନା କର ,DFO, ଢେଙ୍କାନାଳ ରିଙ୍କୁ କୁମାରି ବୃକ୍ଷ ରୋପଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଶ୍ରୀମତି ସଙ୍ଗିତା ପାଣୀ,ଅତିରିକ୍ତ ବରିଷ୍ଟ ଦେଓାନୀ ବିଚାରପତି ଶ୍ରୀମତୀ ସୁଜାତା ପ୍ରିୟମ୍ବଦା ସାଇଁ, ପ୍ରିୟଙ୍କା ମିଶ୍ର କୋର୍ଟ ମ୍ୟାନେଜର ଉପସ୍ଥିତ ଥିଲେ ।

ତତ୍ ସଙ୍ଗେ ସଙ୍ଗେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ADR ବିଲଡ୍ଙ୍ଗ ଠାରେ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଶିବିର କୁ ସ୍ଥାୟୀ ଲୋକଅଦାଲତ ର ଅଧଖ୍ୟ ଶ୍ରୀ ବିରଂଚି କୁମାର ରଥ ଉଦଘାଟନ କରି ବୃକ୍ଷ ରୋପଣ ର ଉପକାରିତା ବିଷୟରେ ବିସଦ ଭାବରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଭିଜିଲାନ୍ସ ଜଜ୍ ଭିକାରୀ ଚରଣ ରାଉତ ପରିବେଷ ସନ୍ତୁଳିତ ରହିବା ପାଇଁ ବୃକ୍ଷ ନିତ୍ୟାନ୍ତ ଆବଶ୍ୟକ ବୋଲି ନିଜର ବକ୍ତବ୍ୟ ରଖିଥିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା ଆଇନ ଉପରେ ସଚେତନତା କରାଇଥିଲେ । ବରିଷ୍ଟ ଦେଓାନୀ ବିଚାରପତି ଲିଲି ସେନାପତି ବୃକ୍ଷ ବିନା ମନୁଷ୍ୟ ସମାଜ ସମ୍ଭବ ନୁହେଁ ବୋଲି ମତଦେଇଥିଲେ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଉପରେ ନିଜର ମନ୍ତବ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଶ୍ରୀମତି ସଙ୍ଗିତା ପାଣୀ ଉପସ୍ଥିତ ଥିବା ଅତିଥି ମାନଙ୍କୁ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ପାଇଁ ଅନୁରୋଧ କରିଥିଲେ ଏବଂ ପଲିଥିନ୍ ବ୍ୟବହାର ନ କରିବା ପାଇଁ ସଚେତନତା କରାଇଥିଲେ । ACF, ଢେଙ୍କାନାଳ ଶ୍ରୀ ପ୍ରଦୀପ ମିରାସୀ , ପ୍ରୋବେସନାରି କନିଷ୍ଟ ଦେଓାନୀ ବିଚାରପତି, ଶ୍ରୀ ଗୌରୀ ଶଙ୍କର ପାଣ୍ଡା ଏବଂ ଶ୍ରୀ ରୋହିତ ରଂଜନ ମିଶ୍ର , ଜିଲ୍ଲା ଆଇନ ସେବା ପ୍ରଧିକରଣର ପ୍ୟାନେଲ ଲୟର ଏବଂ ପାରାଲିଗାଲ ଭଲ୍ୟୁଣର ମାନେ ଉପସ୍ଥିତ ଥିଲେ ।ଏହି ଶିବିରରେ ଢେଙ୍କାନାଳ ସଯଂ ସାସିତ ମହାବିଦ୍ୟାଳୟ N. S.S ଛାତ୍ର / ଛାତ୍ରୀ ଓ ପ୍ରୋଗ୍ରାମ ଅଫିସର ଡଃ ଦେବରାଜ ପରିଡା ଏବଂ ଜିଲ୍ଲା ର ବିଭିନ୍ନ ଉଚ ବିଦ୍ୟାଳୟର ଛାତ୍ର / ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

05.06.18
ସଚିବ

ଜିଲ୍ଲା ଆଇନ ସେବା ପ୍ରାଧିକରଣ